# NATIONAL NEWS BULLETIN (ODIA)

22 September- 2025

Mid Bulletin : 1.50 p.m.

## ମୁଖ୍ୟ ସମ୍ବାଦ

- ଦେଶରେ ଆଜିଠାରୁ ଲାଗୁ ହେଲା ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର

–ଶିକ୍ଷାରୁ ଆରମ୍ଭ କରି ଶିଳ୍ପ ଯାଏଁ ସବୁ କ୍ଷେତ୍ରକୁ ଲାଭାନ୍ୱିତ କରିବ ଜିଏସଟି ସଂସ୍କାର, କହିଲେ ପ୍ରଧାନମନ୍ତ୍ରୀ

– ଦେଶବାସୀ ସଂଚୟ କରିବେ ବାର୍ଷିକ ଅଢ଼େଇ ଲକ୍ଷ କୋଟିରୁ ଅଧିକ ଟଙ୍କା

- ଅରୁଣାଚଳ ପ୍ରଦେଶ ଓ ତ୍ରିପୁରା ଗସ୍ତ କରି ୫ ହଜାର ୧୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଶାସନରେ ଯୋଗାଯୋଗ ବ୍ୟବସ୍ଥାରେ ଘଟିଛି ଅଭୂତପୂର୍ବ ବିକାଶ

ଏବଂ

- ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସମ୍ବଳିତ ୨ଟି ପୁସ୍ତକ ଉନ୍ମୋଚନ କଲେ ଉପରାଷ୍ଟ୍ରପତି

## ଜିଏସଟି–ନେକ୍ସଟ

ଦେଶରେ ଆଜିଠାରୁ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଲାଗୁ ହୋଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ନାଗରିକମାନଙ୍କ ଜୀବନଧାରଣକୁ

ସହଜ କରିବା ଉଦ୍ଦେଶ୍ୟରେ ଜିଏସଟି ପରିଷଦ ସାମଗ୍ରୀ ଓ ସେବା ଉପରେ ଟିକସ ହ୍ରାସ କରିବା ସହ କେତେକ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଉପରେ ସଂପୂର୍ଣ୍ଣ ଟିକସ ଛାଡ଼କରିଛନ୍ତି । ମାଦକ ଦ୍ରବ୍ୟ ଏବଂ କେତେକ ସୌଖୀନ ଦ୍ରବ୍ୟ ଉପରେ ଆଜିଠାରୁ ଅଲଗା ଭାବରେ ୪୦ ପ୍ରତିଶତ ଟିକସ ଲାଗୁ କରାଯାଇଛି । ପରିବର୍ତ୍ତିତ ଜିଏସ୍‌ଟି ଯୋଗୁଁ ଏମ୍‌ଏସ୍‌ଏମ୍‌ଇ, କୃଷି, ବିନିର୍ମାଣ କ୍ଷେତ୍ର, ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

୫ ପ୍ରତିଶତ ଜିଏସଟି ହ୍ରାସ ପାଇବା ପରେ କ୍ଷୀର, ଲହୁଣୀ, ଘିଅ, ଆଇସକ୍ରିମ୍ ଓ ପାଉଁରୁଟି ଭଳି ଦୈନନ୍ଦିନ ବ୍ୟବହାର ହେଉଥିବା ଉପଭୋକ୍ତା ସାମଗ୍ରୀ ଗୁଡ଼ିକର ମୂଲ୍ୟ ହ୍ରାସ ପାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶବାସୀ ନୂଆ ଜିଏସଟି ସଂସ୍କାର ଫଳରେ ବାର୍ଷିକ ଅଢ଼େଇ ଲକ୍ଷ କୋଟି ଟଙ୍କା ସଂଚୟ କରିପାରିବେ । ସୂଚନା ଅନୁଯାୟୀ, ଦୁଗ୍ଧଜାତ ଦ୍ରବ୍ୟ, ପ୍ୟାକେଜ ଖାଦ୍ୟ ଏବଂ ବ୍ୟକ୍ତିଗତ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ପୂର୍ବରୁ ୧୨ ପ୍ରତିଶତରୁ ୧୮ ପ୍ରତିଶତ ଜିଏସଟି ଲାଗୁ ହୋଇଥିବା ବେଳେ ଏହାକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଉପଭୋକ୍ତା ଦ୍ରବ୍ୟ ଯେଭଳିକି ୩୨ ଇଞ୍ଚରୁ କମ୍ ଟେଲିଭିଜନ, ଏସି, ୱାସିଂମେସିନ୍, ରେଫ୍ରିଜରେଟର, ମନିଟର ଏବଂ ପ୍ରୋଜେକ୍ଟର ଉପରୁ ଜିଏସଟିକୁ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି ।

ଅଟୋମୋବାଇଲ୍ କ୍ଷେତ୍ରରେ ମଧ୍ୟ ଜିଏସଟି ସଂସ୍କାର ଯୋଗୁଁ ଦର ହ୍ରାସ ପାଇଛି । ୧୨ଶହ ସିସି ରୁ କମ୍ କ୍ଷମତା ବିଶିଷ୍ଟ ପେଟ୍ରୋଲ୍ ଇଞ୍ଜିନ ଏବଂ ୧୫ଶହ ସିସିରୁ କମ୍ ଡିଜେଲ୍ ଇଞ୍ଜିନ୍ ଓ ୩୫୦ ସିସି ପର୍ଯ୍ୟନ୍ତ

ମୋଟର ସାଇକେଲ ତଥା ବାଣିଜ୍ୟିକ ଯାନ ଗୁଡ଼ିକ ଉପରେ ଜିଏସଟି ପରିମାଣ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଔଷଧ, ରୋଗ ପରୀକ୍ଷଣ କୀଟ୍, ଡାକ୍ତରୀ ଗ୍ରେଡ୍ ଅମ୍ଳଜାନ ଉପରେ ଟିକସ ହାର ୧୨ରୁ ୫ ପ୍ରତିଶତକୁ ହ୍ରାସ କରିଥିବା ବେଳେ ଜୀବନବୀମା ଏବଂ ସ୍ୱାସ୍ଥ୍ୟବୀମା ପ୍ରିମିୟମ ଉପରେ ସଂପୂର୍ଣ୍ଣ ଜିଏସଟି ଛାଡ଼ କରିଛନ୍ତି । ସେହିପରି ଦେଶର ଶିକ୍ଷାକ୍ଷେତ୍ରର ବିକାଶ ଲାଗି ଅଭ୍ୟାସ ପୁସ୍ତିକ, ପେନ୍‌ସିଲ୍, ରବର ଓ ନୋଟ୍‌ବୁକ୍ ଗୁଡ଼ିକ ଉପରୁ ସଂପୂର୍ଣ୍ଣ ଜିଏସଟି ଛାଡ଼ କରାଯାଇଛି ।

ଜିଏସ୍‌ଟି ପରିଷଦ ସୂଚନା ଅନୁଯାୟୀ କ୍ୟାଫିନ୍ ଯୁକ୍ତ ପାନୀୟ, ମିଠା ପାନୀୟ, ତମାଖୁ ଉତ୍ପାଦ, ପାନ ମସଲା, ସିଗାରେଟ୍, ବିଳାସପୂର୍ଣ୍ଣ କାର୍ ଏବଂ ୩୫୦ ସିସିରୁ ଅଧିକ ମୋଟରସାଇକେଲ ଗୁଡ଼ିକ ଉପରେ ୪୦ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିବା ବେଳେ ୧୦୦ ଟଙ୍କାରୁ ଅଧିକ ସିନେମା ଟିକେଟ ଉପରେ ଜିଏସଟି ହାର ୪୦ ପ୍ରତିଶତ ଲାଗୁ ହେବ ବୋଲି ଜଣାପଡ଼ିଛି ।

---

## ଭୂପିନ୍ଦର-ଶାହା:ଜିଏସ୍‌ଟି

କେନ୍ଦ୍ରମନ୍ତ୍ରୀ ଭୂପିନ୍ଦର ଯାଦବ କହିଛନ୍ତି, ଜିଏସଟି ସଂସ୍କାର ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ସହଜତା ଆଣିବା ସହ ଟିକସ ହାରରେ ସରଳୀକରଣ କରି ଦେଶର ଅର୍ଥନୀତିକୁ ଅଗ୍ରସର ହେବା ଲାଗି ସୁଯୋଗ ପ୍ରଦାନ କରିଛି । ନୂଆଦିଲ୍ଲୀରେ ଆଜି ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ଯାଦବ କହିଛନ୍ତି, ଜିଏସଟିର ୨ଟି ସ୍ଲାବ୍ ୫ ଏବଂ ୧୮ ପ୍ରତିଶତ ରଖାଯାଇଛି । ଜିଏସଟି ପରିଷଦର ନିଷ୍ପତ୍ତି ଅନୁଯାୟୀ, କୃଷି ଉପକରଣ, ଯାନବାହାନ ଏବଂ ଦୈନନ୍ଦିନ ସାମଗ୍ରୀ ଉପରେ ଟିକସ ହ୍ରାସ ଓ କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ଟିକସ ଛାଡ଼ ହେବା ଦ୍ୱାରା ଆଗାମୀ

ଦିନରେ ଉତ୍ପାଦନ, ବିକ୍ରୟ ଏବଂ ସଂଚୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । **V/O (Bhupindar)**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଗରିବ, ଯୁବ, କୃଷକ ଏବଂ ମହିଳାଙ୍କ ପ୍ରତି ଥିବା ସେବା ମନୋଭାବ ଦର୍ଶାଉଛି । ସାମାଜିକ ଗଣମାଧ୍ୟମରେ ଅନେକ ଗୁଡ଼ିଏ ଟ୍ୱିଟ୍‌ରେ ଶ୍ରୀ ଶାହା କହିଛନ୍ତି, ଜିଏସଟିରେ ସଂସ୍କାର ଅନେକ ସାମଗ୍ରୀ ଉପରେ ଟିକସ ହାର ହ୍ରସ କରିଛି। ଏହା ଦ୍ୱାରା ଭାରତର ଅର୍ଥନୈତିକ ବିକାଶକୁ ଆହୁରି ଗତି ମିଳିବା ସହ ବିଶ୍ୱରେ ଭାରତ ଏକ ଉନ୍ନତ ଦେଶ ହେବା ପାଇଁ ରାସ୍ତା ଉନ୍ମୁକ୍ତ ହୋଇଛି । ଶ୍ରୀ ଶାହା କହିଛନ୍ତି, ମୋଦୀ ସରକାର ମଧ୍ୟମବର୍ଗର ଲୋକଙ୍କ ଆୟ ବୃଦ୍ଧି ସହ ସେମାନଙ୍କୁ ସଂଚୟ କରିବା ଲାଗି ଜିଏସଟି ସଂସ୍କାର ଜରିଆରେ ସୁଯୋଗ ପ୍ରଦାନ କରିଛନ୍ତି ।

---

# ପିଏମ୍‌-ଭିଜିଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରା ଗସ୍ତ କରିଛନ୍ତି । ଗସ୍ତ ସମୟରେ ଶ୍ରୀ ମୋଦୀ ୫ ହଜାର ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆଭାଷୀ ଜରିଆରେ ଅରୁଣାଚଳ ପ୍ରଦେଶରେ ୩ହଜାର ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ଟି ପ୍ରମୁଖ ଜଳ ବିଦ୍ୟୁତ୍‌ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏଥିରେ ଅରୁଣାଚଳ ପ୍ରଦେଶର ସିୟୋ ଅବବାହିକାରେ ୨୪୦ ମେଗାୱାଟ୍‌ର ହିଓ ଜଳବିଦ୍ୟୁତ୍‌ ପ୍ରକଳ୍ପ ଏବଂ ୧୮୬ ମେଗାୱାଟର ଟାଟୋ-୧ ଜଳ ବିଦ୍ୟୁତ୍‌ ପ୍ରକଳ୍ପ ଅନ୍ତର୍ଭୁକ୍ତ ।

ଏହି ଅବସରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅରୁଣାଚଳ ପ୍ରଦେଶ କେବଳ ଉଦିତ ସୂର୍ଯ୍ୟର ସ୍ଥାନ ନୁହେଁ, ବରଂ ଏହା ଦେଶପ୍ରେମର ନିଦର୍ଶନ ବହନ କରେ । ସେ କହିଛନ୍ତି ଏନ୍‌ଡିଏ ସରକାରଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ୮୦୦ରୁ ଅଧିକ ଥର ଉତ୍ତର ପୂର୍ବାଞ୍ଚଳ ଗସ୍ତ କରି ଲୋକମାନଙ୍କ ସମସ୍ୟା ବୁଝିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ନିଜେ ମଧ୍ୟ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ୭୦ରୁ ଅଧିକ ଥର ଗସ୍ତ କରିଛନ୍ତି ।

## ନବରାତ୍ରୀ

ନଅ ଦିନ ବ୍ୟାପୀ ନବରାତ୍ରୀ ଉତ୍ସବ ଆଜି ଆରମ୍ଭ ହେଉଛି। ନବରାତ୍ରୀର ଅର୍ଥ ସଂସ୍କୃତରେ ନଅ ରାତି, ଯାହାକି ଦେବୀ ଦୁର୍ଗାଙ୍କ ନଅଟି ଅବତାରଙ୍କ ପୂଜା ପାଇଁ ଉତ୍ସର୍ଗୀକୃତ ହୋଇଥାଏ। ମିଳିତ ଭାବେ ଏହାକୁ ନବଦୁର୍ଗା ବୋଲି ମଧ୍ୟ କୁହାଯାଇଥାଏ। ହିନ୍ଦୁ ସମ୍ପ୍ରଦାୟ ବର୍ଷସାରା ଚାରୋଟି ନବରାତ୍ର ପାଳନ କରିଥାନ୍ତି। ତେବେ ସେଥିମଧ୍ୟରୁ ଶାରଦୀୟ ଏବଂ ଚୈତ୍ର ନବରାତ୍ରୀ ଋତୁ ପରିବର୍ତ୍ତନ ସହିତ ପାଳନ କରାଯାଇଥାଏ। ଦେଶରେ ନବରାତ୍ରୀ ଉତ୍ସବକୁ ବିଭିନ୍ନ ରୂପ ଏବଂ ପରମ୍ପରା ଅନୁଯାୟୀ ପାଳନ କରାଯାଇଥାଏ। ଚଳିତ ନବରାତ୍ରୀ ଉତ୍ସବ ଦଶହରା ପର୍ବ ସହିତ ସମ୍ପନ୍ନ ହେବ। ସେହି ଦିନ ରାବଣ ଉପରେ ଭଗବାନ ରାମଙ୍କ ବିଜୟ ସ୍ୱରୂପ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ।

## ସେବା ପର୍ବ – ଅର୍ବାନ୍

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ସହରାଞ୍ଚଳର ଓ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଏବଂ ସୁଲଭ ଆବାସ ଯୋଗାଇ ଦେଇ ସାଧାରଣ ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରିଛନ୍ତି ।

ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ମେଟ୍ରୋ ଯୋଗାଯୋଗ ବ୍ୟବସ୍ଥାକୁ କେବଳ ଭାରତବର୍ଷର ଯୋଗାଯୋଗ ବ୍ୟବସ୍ଥାର ଏକ ମାଧ୍ୟମ ଭାବେ ବିଚାର କରିନାହାନ୍ତି, ବରଂ ଭାରତର ପ୍ରତ୍ୟେକ କୋଣଅନୁକୋଣକୁ ଯୋଡ଼ିବା ଏବଂ ଲୋକମାନଙ୍କ ଲକ୍ଷ୍ୟ ପୂରଣ ପାଇଁ ଏହାର ବିସ୍ତାର କରିବା ଦିଗରେ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବର୍ତ୍ତମାନ ଭାରତ ମେଟ୍ରୋ ନେଟୱର୍କ ବିଶ୍ୱର ତୃତୀୟ ବୃହତ୍ତମ ମେଟ୍ରୋ ନେଟୱର୍କ ପାଲଟିଛି । ସହରାଞ୍ଚଳରେ ଅତି ସହଜରେ ଏବଂ ସୁରକ୍ଷିତ ଭାବେ ଯାତ୍ରା କରିବାର ପ୍ରମୁଖ ମାଧ୍ୟମ ପାଲଟିଛି ମେଟ୍ରୋ ନେଟୱର୍କ ।

ଚଳିତମାସରେ କୋଲକାତାରେ ମେଟ୍ରୋ ରେଳ ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ଶ୍ରୀ ମୋଦୀ କହିଛନ୍ତି, ୨୦୧୪ ପୂର୍ବରୁ ଦେଶରେ ମାତ୍ର ୨୫୦ କିଲୋମିଟର ମେଟ୍ରୋ ରୁଟ୍ ଥିବାବେଳେ ଏବେ ଏହା ଏକହଜାର କିଲୋମିଟର ଅତିକ୍ରମ କରିଛି ।

***Voice (PM - On Conectivity)***

ସହରାଞ୍ଚଳରେ ସମସ୍ତ ନାଗରିକଙ୍କୁ ସମ୍ମାନର ସହ ବଞ୍ଚିବା ଲାଗି କେନ୍ଦ୍ର ସରକାର ଗତ ୧୧ବର୍ଷ ମଧ୍ୟରେ ବାସଗୃହ ନିର୍ମାଣ ଯୋଜନାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ସମୟ ମଧ୍ୟରେ ୧ କୋଟି ୧୬ଲକ୍ଷରୁ ଅଧିକ ଆବାସ ଲାଗି ସହାୟତା ଦିଆଯାଇଥିବା ବେଳେ ୯୩ କୋଟିରୁ

ଅଧିକ ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଗୁଜରାଟ ଭଦୋଦରାର କମଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହଟିଏ ପାଇବା ପରେ ନିଜର ଖୁସି ଜାହିର କରି କହିଛନ୍ତି:

***Voice (Kamala)***

ମେଟ୍ରୋ ସଂଯୋଗୀକରଣରୁ ଆରମ୍ଭ କରି ବାସଗୃହ ପର୍ଯ୍ୟନ୍ତ ସରକାର ଲୋକଙ୍କ ଜୀବନଶୈଳୀରେ ସହଜତା ଆଣିବା ପାଇଁ ନେଇଥିବା ପଦକ୍ଷେପକୁ ଆଜି ସାରା ବିଶ୍ୱ ନୂଆ ଭାରତର ପ୍ରତିଫଳନ ଭାବେ ବିବେଚନା କରୁଛି ।

**Seba Parba Closing**

---

# ଭିପି-ପିଏମ୍ : ବୁକ୍‌ସ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣ ସମ୍ବଳିତ ଦୁଇଟି ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକ ଦୁଇଟି ହେଉଛି 'ସବ୍ କା ସାଥ୍ ସବ୍ କା ବିକାଶ' ଏବଂ 'ସବ୍ କା ବିଶ୍ୱାସ-ସବ୍‌କା ପ୍ରୟାସ' । ଏହି ଅବସରରେ ଉପରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଦେଶ ଏବଂ ବିଦେଶରେ କୋଟି କୋଟି ଲୋକଙ୍କୁ ପ୍ରେରଣା ଯୋଗାଇଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଚତୁର୍ଥ ଏବଂ ପଞ୍ଚମ ବର୍ଷରେ ଶ୍ରୀ ମୋଦୀ ଦେଇଥିବା ଅଭିଭାଷଣର ନିର୍ବାଚିତ ଅଂଶକୁ ନେଇ ଏହି ଦୁଇଟି ପୁସ୍ତକ ଲେଖାଯାଇଛି ।

ଉନ୍ମୋଚନ ଉତ୍ସବରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀବୈଷ୍ଣବ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜନୀତିକୁ ଲୋକଙ୍କ ସେବାର ଏକ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ

ନେତୃତ୍ୱରେ ଦେଶରେ ବିଶ୍ୱର ସର୍ବବୃହତ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଜାରି ରହିଛି, ଯେଉଁଥିରେ ୮୦ କୋଟିରୁ ଅଧିକ ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି । ସେ କହିଛନ୍ତି, ଦେଶରେ ୫୪ କୋଟି ଜନ୍‌ଧନ୍ ଆକାଉଣ୍ଟ ଖୋଲାଯିବା ସହ ପ୍ରାୟ ୧୩ କୋଟିରୁ ଅଧିକ ଶୌଚାଳୟ ନିର୍ମାଣ କରାଯାଇଛି ।